**DISTRICT PROJECT OFFICE,**
**SARVA SIKSHYA ABHIYAN, NUAPADA**

Letter No. 2710(3)/ Date 08/12/2011

To

The Advertisement Manager

________________________

Sub : Publication of advertisement

Sir,

Please find enclosed herewith the detail advertisement on engagement of Sikshya Sahayak in Nuapada district for publication in all Odisha edition of your daily news paper for one day only limiting the size to bill amount of Rs.25000/- only.

The advertisement should be published on 09.12.2011.

Yours faithfully,

Encl : Advertisement copy

District Project Coordinator
SSS, Nuapada

Memo No. 2711 / Date 08/12/2011

Copy to D.I.O., NIC, Nuapada with a request to upload the detail advertisement in Nuapada district official Website for wide publication.

District Project Coordinator
SSS, Nuapada

Memo No. 2712 / Date 08/12/2011

Copy to D.I. of Schools, Nuapada for information and necessary action. He is requested to paste the detail advertisement in his office notice board for wide publication.

District Project Coordinator
SSS, Nuapada

# ଜିଲ୍ଲା ପରିଷଦ, ନୂଆପଡା

ବିଜ୍ଞାପନ ସଂ ...747...  ତା ..08/12/11..ରିଖ

## ଶିକ୍ଷା ସହାୟକ / ସହାୟିକା ନିୟୋଜନ ବିଜ୍ଞାପନ

ନୂଆପଡା ରାଜସ୍ୱ ଓ ଶିକ୍ଷାଜିଲ୍ଲାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଆବଶ୍ୟକ ଶିକ୍ଷା ସହାୟକ ନିୟୋଜନ ପାଇଁ ନୂଆପଡା ଜିଲ୍ଲା ପରିଷଦ ତରଫରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀ ମାନେ ଯେ କୌଣସି ଗୋଟିଏ ଶିକ୍ଷା ଜିଲ୍ଲାପାଇଁ ଆବେଦନ କରିପାରିବେ । ଏଥିପାଇଁ ଆବେଦନ ପତ୍ର ସହିତ ପ୍ରାର୍ଥୀ/ପ୍ରାର୍ଥୀନୀ କେବଳ ଗୋଟିଏ ଶିକ୍ଷା ଜିଲ୍ଲାପାଇଁ ଆବେଦନ କରିଛନ୍ତି ବୋଲି ଏକ ସତ୍ୟପାଠ (Affidavit) ସଂଲଗ୍ନ କରିବେ । ଯାଞ୍ଚ ସମୟରେ ଯଦି ପ୍ରାର୍ଥୀ/ପ୍ରାର୍ଥୀନୀ ଆବେଦନ କରିଥିବା ଶିକ୍ଷାଜିଲ୍ଲା ବ୍ୟତୀତ ଅନ୍ୟ ଶିକ୍ଷାଜିଲ୍ଲାରେ ଆବେଦନ କରିଥିବା ପ୍ରମାଣିତ ହୁଏ ତେବେ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କର ଆବେଦନ ପତ୍ର ବିଚାରକୁ ନିଆନଯାଇ ନାକଚ କରି ଦିଆଯିବ । ସାର୍ଟିଫିକେଟ ଜାଲବୋଲି ପ୍ରମାଣିତ ହେଲେ ଆଇନ ଅନୁଯାୟୀ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ନିଯୁକ୍ତି ରଦ୍ଦ କରାଯିବ । ଇଚ୍ଛୁକ ଯୋଗ୍ୟ ପ୍ରାର୍ଥୀ ପ୍ରାର୍ଥୀନୀ ମାନେ ନୂଆପଡା ଜିଲ୍ଲା WEBSITE ରେ ଦିଆଯାଇଥିବା ଦରଖାସ୍ତ ଫର୍ମ ର ନକଲ ରେ କିମ୍ବା ସାଧା କାଗଜ ରେ ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ ପତ୍ର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ, ସର୍ବଶିକ୍ଷା ଅଭିଯାନ, ନୂଆପଡା ଙ୍କ କାର୍ଯ୍ୟଳୟରେ ଆସନ୍ତା **ତା ୧୦.୦୧.୨୦୧୨** ରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ ଦାଖଲ କରିବେ କିମ୍ବା ରେଜିଷ୍ଟ୍ରୀ ଡାକରେ ପହଞ୍ଚିବା ଆବଶ୍ୟକ । ତୃଟିପୂର୍ଣ୍ଣ ବା ବିଳମ୍ବରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଆବେଦନ ପତ୍ର ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ସଂବୋଧିତ କରିବା ଆବଶ୍ୟକ ।

୨. ନୂଆପଡା ଶିକ୍ଷା ଜିଲ୍ଲାରେ ଶିକ୍ଷା ସହାୟକ ନିୟୋଜନ ପାଇଁ ବିଭିନ୍ନ ଶ୍ରେଣୀର (category) ପଦବୀ ସଂଖ୍ୟା ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ଥିବା ପଦବୀ ସଂଖ୍ୟା ନିମ୍ନପ୍ରକାର ଅଟେ-

| ଶିକ୍ଷା ଜିଲ୍ଲାର ନାମ | ପଦବୀର ପ୍ରକାର | ମୋଟ ପଦବୀ ସଂଖ୍ୟା | ଶାରିରୀକ ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ପଦବୀ | | |
|---|---|---|---|---|---|
| | | | VI | HI | OH |
| ନୂଆପଡା | ବି.ଏସି/ବି.ଏ. ବି.ଇଡି | ୧୨୧ | ୫ | ୪ | ୪ |
| | ଯୁକ୍ତ ଦୁଇ ବିଜ୍ଞାନ/ କଳା/ ବାଣିଜ୍ୟ ସ.ଟି. | ୧୮୨ | ୭ | ୬ | ୬ |
| | ମୋଟ | ୩୦୩ | ୧୨ | ୧୦ | ୧୦ |

ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ପୂର୍ବରୁ ବାକିଥିବା ପଦବୀ ସହିତ ସଂରକ୍ଷିତ ବଦବୀ ପାଇଁ ଯୋଗ୍ୟ ପ୍ରାର୍ଥୀ ନମିଳିଲେ ଅନ୍ୟାନ୍ୟ ବର୍ଗର ପ୍ରାର୍ଥୀଙ୍କୁ ସୁଯୋଗ ଦିଆଯିବ । ଅନ୍ୟାନ୍ୟ ବର୍ଗର ବ୍ୟକ୍ତିଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଂକଳିତ ସଂରକ୍ଷଣ ନିୟମାନୁଯାୟୀ ପଦବୀ ସଂରକ୍ଷିତ ରହିବ ।

ଏହାର ୧୫୦% ଭାଗ ଯୋଗ୍ୟବିବେଚିତ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯିବ ଯାହା ବର୍ଷକ ପାଇଁ ବୈଧ ରହିବ । ଏହି ଯୋଗ୍ୟବିବେଚିତ ଅସ୍ଥାୟୀ ଏବଂ ଚୂଡାନ୍ତ ପ୍ରାର୍ଥୀ ତାଲିକା (Provisional & Final Select List) ଶିକ୍ଷାଜିଲ୍ଲା, ଜିଲ୍ଲାପରିଷଦ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାନଙ୍କର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ ହେବ । ଶିକ୍ଷାସହାୟକ ମାନେ ଜିଲ୍ଲାପରିଷଦ ଦ୍ୱାରା ନିୟୋଜିତ ହେବେ ।

୩. **ଶିକ୍ଷାଗତ ଯୋଗ୍ୟତା-** ନିମ୍ନଲିଖିତ ଯୋଗ୍ୟତା ଥାଇ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ଯେକୌଣସି ଗୋଟିଏ ପଦବୀ ପାଇଁ ଆବଶ୍ୟକ ଯୋଗ୍ୟତା ଅନୁଯାୟୀ ଆବେଦନ କରିପାରିବେ ।

(କ) ଯୁକ୍ତ ଦୁଇ (+2) ବିଜ୍ଞାନ/ କଳା/ ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ ତାଲିମ ପ୍ରାପ୍ତ ସି.ଟି. (Recognised by NCTE) ।

(ଖ) ଯୁକ୍ତ ଦୁଇ (+2) ବିଜ୍ଞାନ/ କଳା/ ବାଣିଜ୍ୟ କିମ୍ବା ଉପଯୁକ୍ତ କର୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପାସ୍ ଯୋଗ୍ୟତା ଥାଇ Rehabilitation Council of India (RCI) ଦ୍ୱାରା ସ୍ୱିକୃତି ପ୍ରାପ୍ତ ସ୍ୱତନ୍ତ୍ରଶିକ୍ଷାରେ ୨ ବର୍ଷିୟ ଡିପ୍ଲୋମା ତାଲିମ (2 Year diploma in Special Education) ।

(ଗ) ସ୍ନାତକରେ ବିଜ୍ଞାନ/କଳା କିମ୍ବା ଉପଯୁକ୍ତ କର୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ମାଟ୍ରିକ ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଥାଇ ବି.ଏଡ. ତାଲିମ ପ୍ରାପ୍ତ (Recognised by NCTE) ।

(ଘ) ସ୍ନାତକରେ ବିଜ୍ଞାନ କିମ୍ବା ଉପଯୁକ୍ତ କର୍ତୃପକ୍ଷଙ୍କ ଦ୍ୱାରା ଘୋଷିତ ତତ୍ତୁଲ୍ୟ ପରୀକ୍ଷାରେ ପାସ୍ ଯୋଗ୍ୟତା ସହିତ ମାଟ୍ରିକ ପର୍ଯ୍ୟନ୍ତ ଓଡିଆ ମାତୃଭାଷା ଥାଇ Rehibilitation Council of India (RCI) ଦ୍ୱାରା ସ୍ୱିକୃତି ପ୍ରାପ୍ତ ସ୍ୱତନ୍ତ୍ରଶିକ୍ଷା ପାଠ୍ୟକ୍ରମରେ ବି.ଏଡ. ତାଲିମ (1 year B.Ed.- Special Eduction) ।

(ଙ) ଯୁକ୍ତ ଦୁଇ (+2) ବିଜ୍ଞାନ/ କଳା/ ବାଣିଜ୍ୟ କିମ୍ବାତତ୍ତୁଲ୍ୟ ପରୀକ୍ଷାରେ ପାସ୍ ସହିତ ଓଡିଆ ମାତୃଭାଷାରେ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଯୋଗ୍ୟତା ଥାଇ ଏବଂ ବିଜ୍ଞାନ ଓ କଳାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ସ୍ନାତକ ପାସ୍ ସହିତଓଡିଆ ମାତୃଭାଷା ଦଶମ ପର୍ଯ୍ୟନ୍ତ ଯୋଗ୍ୟତା ଥିବା ଅଣ ତାଲିମ ପ୍ରାପ୍ତ ତଫସିଲ ଭୁକ୍ତ ଜାତି, ଜନଜାତି, ଶାରିରୀକ ଅକ୍ଷମ ପ୍ରାର୍ଥୀମାନେ ଯୋଗ୍ୟତା ଅନୁଯାୟୀ ଗୋଟିଏ ପଦ ପାଇଁ ଆବେଦନ କରିପାରିବେ । ଯଦି ସଂପୃକ୍ତ ଶିକ୍ଷା ୟୁନିଟରେ ଆବଶ୍ୟକ ସଂଖ୍ୟକ ତଫସିଲ ଭୁକ୍ତ ଜାତି, ଜନଜାତି, ଶାରିରୀକ ଅକ୍ଷମ ତାଲିମ ପ୍ରାପ୍ତ ପ୍ରାର୍ଥୀ ନମିଳନ୍ତି ଏବଂ ଭାରତ ସରକାରଙ୍କ ଶିକ୍ଷାଗତ ଯୋଗ୍ୟତା ସର୍ମ୍ପକିତ ରିହାତିର ଆଦେଶ ଅନୁଯାୟୀ ସେମାନଙ୍କ ବିଷୟ ବିଚାରକୁ ନେଇ ନିଯୁକ୍ତି ଦିଆଯିବ ।

(ଚ) ୨୦୧୦-୧୧ ଶିକ୍ଷାବର୍ଷରେ CT ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ Admit କାର୍ଡର ନକଲ ସଂଯୋଗ କରି ଆବେଦନ କରିବାରିବେ । CT ପରୀକ୍ଷା Result ବାହାରିବାର ୧୫ ଦିନ ମଧ୍ୟରେ ସେମାନେ ପାସ certificate ଏବଂ marksheet ର ନକଲ ଆବେଦନ କରିଥିବା ଜିଲ୍ଲାରେ ଦାଖଲ କରିବା ପରେ କେବଳ ସେମାନଙ୍କ ଦରଖାସ୍ତ ବିଚାରକୁ ନିଆଯିବ ।

ସମସ୍ତ ଅଣ ତାଲିମପ୍ରାପ୍ତ ପ୍ରାର୍ଥୀ ମାନେ ନିୟୋଜନ ହେବାର ପାଞ୍ଚ ବର୍ଷ ମଧ୍ୟରେ ନିଜ ଖର୍ଚ୍ଚରେ ତାଲିମ ପ୍ରାପ୍ତ ହେବେ ବୋଲି ଏକ Undertaking ଦେବେ ।

**୪. ବୟସସୀମା-** ପ୍ରାର୍ଥୀ ମାନଙ୍କର ବୟସ ତା.୦୧.୧୧.୨୦୧୧ ରିଖ ସୁଦ୍ଧା ୪୨ ବର୍ଷରୁ ଅଧିକ ହୋଇନଥିବ କିମ୍ବା ୧୮ ବର୍ଷରୁ କମ୍ ହୋଇନଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି ଓ ଜନଜାତି, ସାମରିକ କର୍ମଚାରୀ, ମହିଳା ଏବଂ SEBC ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସସୀମା ୫ ବର୍ଷ କୋହଳ କରାଯିବ । ଶାରିରୀକ ଭିନ୍ନକ୍ଷମ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ସର୍ବୋଚ୍ଚ ବୟସ ସୀମା ୧୦ ବର୍ଷ କୋହଳ କରାଯିବ ।

୫. **ନିଯୋଜନ-** ଶିକ୍ଷା ସହାୟକ ମାନେ ବାର୍ଷିକ ଚୁକ୍ତି ଅନୁଯାୟୀ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ତଥା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଉନ୍ନୀତ ଶ୍ରେଣୀମାନଙ୍କରେ ଆବଶ୍ୟକ ଅନୁଯାୟୀ ନିଯୋଜିତ ହେବେ ।

୫.୧ ନିଯୋଜନ ପତ୍ର ପ୍ରଦାନ ପୂର୍ବରୁ ସଂପୃକ୍ତ ଜିଲ୍ଲା ପରିଷଦ ତରଫରୁ ମୁଖ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ତଥା ଜିଲ୍ଲାପାଳ ଓ ଶିକ୍ଷା ସହାୟକଙ୍କ ମଧ୍ୟରେ ଷ୍ଟାମ୍ପ କାଗଜ ମାଧ୍ୟମରେ ନିର୍ଦ୍ଧାରିତ ଫର୍ମରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରାଯିବ ।

୫.୨ ଶିକ୍ଷା ସହାୟକ/ ସହାୟିକା ମାନଙ୍କୁ ସେମାନେ ଆବେଦନ କରିଥିବା ଶିକ୍ଷାଜିଲ୍ଲା ମଧ୍ୟରେ ନିଯୋଜନ କରାଯିବ ।

୬. **ସଂରକ୍ଷଣ ବ୍ୟବସ୍ଥା** - ଓ.ଆର.ଭି ଆକ୍ଟ ସଙ୍ଗେ ସଙ୍ଗେ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସଂରକ୍ଷଣ ନୀତି ଏବଂ ଅନ୍ୟ ପ୍ରାର୍ଥୀ ଯଥା - ପୂର୍ବତନ ସାମରିକ କର୍ମଚାରୀ (Ex-Serviceman), ଭିନ୍ନକ୍ଷମ (Handicapped) ଙ୍କ ପାଇଁ ସାଧାରଣ ପ୍ରଶାସନ ବିଭାଗ ରିଜଲ୍ୟୁସନ ଅନୁଯାୟୀ ସଂରକ୍ଷଣ ବ୍ୟବସ୍ଥା ଲାଗୁହେବ ଏବଂ କ୍ରୀଡା କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଅର୍ଜନ କରିଥିବା ବ୍ୟକ୍ତି (Eminent Sports personnel) ଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ସଂକଳିତ ସଂରକ୍ଷଣ ନିୟମ ଲାଗୁ ହେବ । ମହିଳା ପ୍ରାର୍ଥୀନୀଙ୍କ ପାଇଁ ସଂପୃକ୍ତ ବର୍ଗର ୩୩.୧/୩ ପ୍ରତିଶତ ସଂରକ୍ଷଣ ଲାଗୁହେବ ।

୭. ତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ.୪୦୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୮. ଅଣ ତାଲିମପ୍ରାପ୍ତ ଶିକ୍ଷା ସହାୟକମାନଙ୍କୁ ମାସିକ ଟ.୩୫୦୦/- ପାରିଶ୍ରମିକ ଆକାରରେ ଦିଆଯିବ ।

୯. ନୂଆପଡା ଜିଲ୍ଲା WEBSITE ରେ ଦିଆଯାଇଥିବା ଦରଖାସ୍ତ ଫର୍ମ କିମ୍ବା ନିମ୍ନ ପ୍ରଦତ୍ତ ଦରଖାସ୍ତ ଫର୍ମ ଅନୁସାରେ ଆବେଦନ କରାଯାଇ ପାରିବ । ଦରଖାସ୍ତ ସହ HSC ଠାରୁ ଆବେଦନ କରିଥିବା ପଦବି ପାଇଁ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଏବଂ ମାର୍କ ତାଲିକାର ଅବିକଳ ନକଲ (ଆଟେଷ୍ଟଡ କପି), କର୍ମନିଯୋଜନ ସଂସ୍ଥାର ପଞ୍ଜିକରଣ ପତ୍ର, ଜାତିଗତଏବଂ ଆବାସିକ ପ୍ରମାଣ ପତ୍ର, ଭିନ୍ନକ୍ଷମ ହୋଇଥିଲେ ତାର ଅବିକଳ ପ୍ରମାଣ ପତ୍ର, ପ୍ରାର୍ଥୀଙ୍କର ଦୁଇକିତା ବର୍ତ୍ତମାନର ସହି ମୋହର ପାସପୋର୍ଟ ଆକାର ଫଟୋ ଏବଂ କେବଳ ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidavit) ଇତ୍ୟାଦି ସଂଯୋଗ ନଥିଲେ ଆବେଦନ ପତ୍ରଟିକୁ ଖାରଜ କରିଦିଆଯିବ ।

୫.୧୨.୧୧.

ଜିଲ୍ଲାପାଳ ତଥା ମୁଖ୍ୟ ନିର୍ବାହୀ ଅଧିକରୀ
ଜିଲ୍ଲା ପରିଷଦ, ନୂଆପଡା

# ଶିକ୍ଷା ସହାୟକ ପଦ ପାଇଁ ଆବେଦନ ପତ୍ର

୧. ଯେଉଁ ଶିକ୍ଷା ଜିଲ୍ଲାରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ : **ନୁଆପଡା ଶିକ୍ଷା ଜିଲ୍ଲା**

୨. ଯେଉଁ ପଦବିରେ ନିଯୁକ୍ତି ଚାହୁଁଛନ୍ତି ତାର ନାମ :

ପାସପୋର୍ଟ ଆକାର ଫଟୋ

୩. ପ୍ରାର୍ଥୀଙ୍କ ସଂପୂର୍ଣ୍ଣ ନାମ :..........................................

୪. ପିତା କିମ୍ବା ସ୍ୱାମୀଙ୍କର ନାମ :..........................................

୫. ବର୍ତ୍ତମାନ ଠିକଣା :..........................................

..........................................

..........................................

୬. ସ୍ଥାୟୀ ଠିକଣା :..........................................

..........................................

..........................................

୭. ଜନ୍ମ ତାରିଖ (ପ୍ରମାଣ ପତ୍ରର ଅବିକଳ ନକଲ ସଂଲଗ୍ନ କରିବେ) :

୮. ପ୍ରାର୍ଥୀ/ପ୍ରାର୍ଥୀନୀ କେଉଁ ବର୍ଗର ଅଟନ୍ତି :

୯. ଶିକ୍ଷାଗତ ଯୋଗ୍ୟତା :

| ଶିକ୍ଷାଗତ ଯୋଗ୍ୟତା | ଶିକ୍ଷାନୁଷ୍ଠାନର ନାମ | ବିଶ୍ୱ ବିଦ୍ୟାଳୟର ନାମ | ଉର୍ତ୍ତୀର୍ଣ୍ଣ ବର୍ଷ | ମୋଟ ନମ୍ବର | କେତେ ନମ୍ବର ପାଇଥିଲେ | % ନମ୍ବର |
|---|---|---|---|---|---|---|
| +୨ ବିଜ୍ଞାନ/ କଳା/ ବାଣିଜ୍ୟ | | | | | | |
| ସି.ଟି./ Diploma in Spl. Edn. | | | | | | |
| ସ୍ନାତକ ବିଜ୍ଞାନ / କଳା | | | | | | |
| ବି.ଇଡି / Spl B.Ed | | | | | | |

(ଯୁକ୍ତ ଦୁଇ / ସ୍ନାତକ / ପ୍ରଶିକ୍ଷଣ (CT/B.Ed/Diploma in Spl. Edn./ Spl B.Ed )ପରୀକ୍ଷାର ପ୍ରମାଣପତ୍ର ଓ ମାର୍କସିଟ୍‌ର ଅବିକଳ ନକଲ (Spl Education ରେ Diploma ଏବଂ Spl. B.Ed ପ୍ରାର୍ଥୀ ମାନେ RCI Registration ର ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)

୧୦. ୨୦୧୦-୧୧ ଶିକ୍ଷାବର୍ଷରେ CT ପରୀକ୍ଷା ଦେଇଥିବା ପ୍ରାର୍ଥୀମାନେ Admit କାର୍ଡର ଅବିକଳ ନକଲ ସଂଯୋଗ କରିବେ ।

୧୧. କର୍ମନିୟୋଜନ କେନ୍ଦ୍ରର ନାମ ଏବଂ ରେଜିଷ୍ଟ୍ରେସନ ସଂଖ୍ୟା ଓ ତାରିଖ ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ ।

୧୨. ଜାତିଗତ ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ ।

୧୩. ଅକର୍ମଣ୍ୟ ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ ।

୧୪. ଆବାସିକ ପ୍ରମାଣ ପତ୍ରର ଅବିକଳ ନକଲ ସଂଯୋଗ କରିବେ ।

୧୫. ଗୋଟିଏ ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidavit in Original) ସଂଯୋଗ କରିବେ ।

୧୬. ଅଣ ତାଲିମପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ ପାଞ୍ଚ ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Undertaking ସଂଯୋଗ କରିବେ ।

୧୭. ଦୁଇକିତା ବର୍ତ୍ତମାନର ସହି ମୋହର ପାସପୋର୍ଟ ଆକାର ଫଟୋ ଦାଖଲ କରିବେ ।

ତାରିଖ -

ସ୍ଥାନ - ଆବେଦନକାରୀଙ୍କ ସ୍ୱାକ୍ଷର

# ପ୍ରାପ୍ତି ସ୍ୱୀକାର

ପ୍ରାର୍ଥୀଙ୍କ ନାମ : କ୍ରମିକ ସଂଖ୍ୟା-

ଠିକଣା :

୧. HSC ସାର୍ଟିଫିକେଟ୍ ☐
୨. ଯୁକ୍ତ ଦୁଇ ସାର୍ଟିଫିକେଟ୍ ☐
୩. ଯୁକ୍ତ ଦୁଇ ମାର୍କସିଟ୍ ☐
୪. CT/Diploma in Spl. Edn ସାର୍ଟିଫିକେଟ୍ ☐
୫. CT/Diploma in Spl. Edn ମାର୍କସିଟ୍ ☐
୬. ସ୍ନାତକ ସାର୍ଟିଫିକେଟ୍ ☐
୭. ସ୍ନାତକ ମାର୍କସିଟ୍ ☐
୮. ବି.ଇଡି / ସ୍ପେସାଲ ବି.ଇଡି ସାର୍ଟିଫିକେଟ୍ ☐
୯. ବି.ଇଡି / ସ୍ପେସାଲ ବି.ଇଡି ମାର୍କସିଟ୍ ☐
୧୦.. RCI Registration ର ପ୍ରମାଣପତ୍ର ☐
୧୧. ୨୦୧୦-୧୧ CT ପରୀକ୍ଷା ର Admit Card ର ନକଲ ☐
୧୨. ଜାତିଗତ ପ୍ରମାଣପତ୍ର (Caste Certificate) ☐
୧୩. ଆବାସିକ ପ୍ରମାଣ ପତ୍ର(Residential Certificate): ☐
୧୪. ଶିକ୍ଷାଜିଲ୍ଲାରେ ଆବେଦନ କରିଛନ୍ତି ବୋଲି ସତ୍ୟପାଠ (Affidavit in Original) ☐
୧୫.. କର୍ମନିଯୁକ୍ତ ସଂସ୍ଥାର ପଞ୍ଜିକରଣ ପତ୍ର ☐
୧୬. ଅଣ ତାଲିମପ୍ରାପ୍ତ ପ୍ରାର୍ଥୀ ନିଜ ଖର୍ଚ୍ଚରେ ପାଞ୍ଚ ବର୍ଷ ମଧ୍ୟରେ ତାଲିମ ପ୍ରାପ୍ତ ହେବେ ବୋଲି Undertaking : ☐
୧୭. ଅକର୍ମଣ୍ୟ ପ୍ରମାଣ ପତ୍ରର ଅବିକଳ ନକଲ ☐
୧୮. ଦୁଇକିତା ବର୍ତ୍ତମାନର ସହି ମୋହର ପାସପୋର୍ଟ ଆକାର ଫଟୋ ☐

ପ୍ରାପ୍ତି ସ୍ୱୀକାରକାରୀଙ୍କ ସ୍ୱାକ୍ଷର

ତାରିଖ -

ନାମ -

ପଦବୀ-